**Scientist of ICAR-IIWM highlights sustainable groundwater management in over-exploited region of north Balasore at Sugo, Jaleswar.**

## ଶିକ୍ଷା ବିଭାଗର ସ୍ୱତନ୍ତ୍ର ନିର୍ଦ୍ଦେଶ: ସୁଗୋ ଉନ୍ନୀତ ସ୍କୁଲ ଉଦଘାଟିତ




ଜଳେଶ୍ୱର, ୨୭।୮ (ନି.ପ୍ର)- ଜଳେଶ୍ୱର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ସୁଗୋ ଗାଁରେ ଥିବା ପ୍ରାଥମିକ ସ୍କୁଲକୁ ପ୍ରାଥମିକ ଶିକ୍ଷା ବିଭାଗର ନିର୍ଦ୍ଦେଶରେ ଉନ୍ନୀତ ବିଦ୍ୟାଳୟରେ ପରିଣତ କରାଯାଇ ରବିବାର ଉଦଘାଟିତ ହୋଇଛି । ସୁଗୋ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆୟୋଜିତ ସଭାରେ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ମିନତୀରାଣୀ ପାତ୍ର ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟକୁ ଉଦଘାଟନ କରି ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର କହିଥିଲେ, ସୁଗୋଠାରେ ଥିବା ଏମଇ ସ୍କୁଲ ଅଦ୍ୟାବଧି ସରକାରଙ୍କ ନୀତି ନିୟମରେ ସରକାରୀକରଣ ହୋଇନଥିବାରୁ ସେଠାରେ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ଭର୍ତ୍ତି ହୋଇନପାରିବାର ଅନିଶ୍ଚିତତା ମଧ୍ୟରେ ଗାଁର କେତେକ ବ୍ୟକ୍ତିଙ୍କ ସହ ସେ ଶିକ୍ଷାମନ୍ତ୍ରୀ ଓ ଶିକ୍ଷାସଚିବଙ୍କୁ ଭେଟି ଜଣାଇଥିଲେ। ଏହି ବିଦ୍ୟାଳୟରେ ପଶ୍ଚିମବଙ୍ଗ ଗାଁଗୁଡ଼ିକର କେତେକ ଛାତ୍ରଛାତ୍ରୀ ଅଧ୍ୟୟନ କରିଆସୁଛନ୍ତି। ଗାଁର ପିଲାମାନେ ଅନ୍ୟଗ୍ରାମରେ ଥିବା ଅଷ୍ଟମ ଶ୍ରେଣୀରେ ଶିକ୍ଷାଦାନ ସାରି ପୁଣି ସୁଗୋ ହାଇସ୍କୁଲରେ ପାଠପଢିବା ବିବାଦୀୟ ଘଟଣା ଥିବାରୁ ଏଠାରେ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଶିକ୍ଷା ସଚିବ ଏପରି ଏକ ସ୍ୱତନ୍ତ୍ର ଆଇନ ବଳରେ ୫ମ ଶ୍ରେଣୀ ଯାଏ ଥିବା ବିଦ୍ୟାଳୟକୁ ଅଷ୍ଟମ ଶ୍ରେଣୀରେ ପରିଣତ କରିଛନ୍ତି। ମୁଖ୍ୟବକ୍ତା ଭାବେ ଜଳ ସଂରକ୍ଷଣ ବୈଜ୍ଞାନିକ ଡ. ଦିଲ୍ଲୀପ କୁମାର ପଣ୍ଡା ଯୋଗଦେଇ ଆଦର୍ଶ ସମାଜ ଗଠନ ପାଇଁ ଆଦର୍ଶ ବିଦ୍ୟାଳୟ ଆବଶ୍ୟକ ବୋଲି କହିଥିଲେ। ଏବିଇଓ ରଜତ କୁମାର ଦାସ, ସରପଞ୍ଚ ଦିନେଶ କୁମାର ଜେନା, ସମିତି ସଦସ୍ୟ ସଞ୍ଜୟ କୁମାର ମହାନ୍ତି, ଗାଁମୁଖିଆ ଭବତାରଣ ପରିଡ଼ା ଓ ତ୍ରିଲୋଚନ ନାୟକ ବକ୍ତବ୍ୟ ରଖିଥିଲେ। ଅରୁଣ ପରିଡ଼ା ସୂଚନା ଦେଇଥିବାବେଳେ ସିଆରସିସି ସରୋଜ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।




ଓଡ଼ିଶା ସରକାରଙ୍କ ଦ୍ୱାରା ମଞ୍ଜୁରୀପ୍ରାପ୍ତ
-ଉଦ୍‌ଘାଟକ-